ଆଗକୁ ତାତି ଆହୁରି ବଢ଼ିବ । ଜଳକଷ୍ଟ ଆହୁରି ଉତ୍କଟ ହେବାର ସମ୍ଭାବନା ରହିଛି । ତେଣୁ ନିର୍ବାଚନରେ ଜିତିବା ପରେ ଲୋକଙ୍କ ଶୋଷ ନେତାମାନେ ନିଶ୍ଚେ ମେଣ୍ଟାଇବେ- ଏ ପ୍ରତିଶ୍ରୁତିରେ ଲୋକେ ସନ୍ତୁଷ୍ଟ ହୋଇନପାରନ୍ତି । ତେଣୁ ତତ୍କାଳ ସମାଧାନ ପାଇଁ ନିର୍ବାଚନ ପ୍ରଚାରରେ ଯାଉଥିବା ନେତାଏ ସାଙ୍ଗରେ ଦୁଇ ତିନୋଟି ପାଣି ଟ୍ୟାଙ୍କର ନେଇକି ଗଲେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରନ୍ତେ । ଲୋକଙ୍କ ମୁଣ୍ଡ ଥଣ୍ଡା କରିବା ସହଜ ହୁଅନ୍ତା ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୦ ଏପ୍ରିଲ ୨୦୨୪ | ଶନିବାର

ଓଡ଼ିଶା ଏକ୍ସପ୍ରେସ୍

ନେତାଙ୍କ ସାହସକୁ ସଲାମ

ଭୀଷଣ ଭାବରେ ଦୁଃସାହସୀ ହେଲେ ହିଁ ନେତା ହେବା ସମ୍ଭବ ହୁଏ । ଭୟ କଲେ ରାଜନୀତି କରିହୁଏନି ।

ଲୋକଙ୍କ ସହିତ ବିଶ୍ୱାସଘାତକତା କରି, ପ୍ରତିଶ୍ରୁତିର ଖିଲାପ କରି ପୁଣି ସେଇ ଲୋକଙ୍କ ପାଖକୁ ଯିବାର ସଦ୍‌ସାହସ ରଖିଲେ ହିଁ ରାଜନୀତି କରିବା ସମ୍ଭବ ହୁଏ ଏବଂ ରାଜନୀତି କ୍ଷେତ୍ରରେ ଆଗକୁ ଆଗକୁ ବଢ଼ିହୁଏ । ସତ୍ୟକୁ ସାମ୍ନା କରିବାର ଅସମ୍ଭବ ମନୋବଳ ଦରକାର ରାଜନୀତି ପାଇଁ । ଏସବୁ ସହିତ ଲଜ୍ଜାକୁ ମଧ୍ୟ ପରିହାର କରିବାକୁ ପଡ଼େ । ଲୋକଙ୍କ ଜୋତା ମାଳକୁ ଫୁଲମାଳ ଭାବିଲେ ହିଁ ରାଜନୀତିରେ ତିଷ୍ଠି ରହିବା ସମ୍ଭବ ହୁଏ ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା- ଆଗାମୀ ନିର୍ବାଚନ ପାଇଁ ନେତାମାନେ ଗାଁ ଗାଁ ବୁଲିଲେଣି । ହାତଯୋଡ଼ି ଭୋଟ୍ ଭିକ୍ଷା କଲେଣି । ପୁଣି ୫ ବର୍ଷ ପାଇଁ ସହଯୋଗ ଏବଂ ଆଶୀର୍ବାଦ ମାଗିଲେଣି ନେତାଏ । ସେମାନେ ଜାଣନ୍ତି- ଭୋଟର ମାନେ ଖୁବ୍ ଉଦାର । ଛୋଟମୋଟ କଥାକୁ ସେମାନେ ଧରନ୍ତିନି । ହାତ ଯୋଡ଼ିଦେଲେ କିମ୍ବା ଟିକେ ପିଠି ଥାପୁଡେଇଦେଲେ ସେମାନଙ୍କର ମାନଭଞ୍ଜନ ହୋଇଯାଏ । ଲୋକଙ୍କର ଏଇ ଭଲପଣିଆର ସୁଯୋଗ ନେତାମାନେ ନିଅନ୍ତି ସବୁବେଳେ ।

ଏମିତି ବେଳରେ ଏଥର ନିର୍ବାଚନ ହେବାକୁ ଯାଉଛି ଯେତେବେଳେ ନିଦାଘ ଖୁବ୍ ନିଷ୍ଠୁର ହୋଇଛି । ତାତି ବଢ଼ିବା ସହିତ ଗାଁଗଣ୍ଡାରେ ପାଣିର ଘୋର ଅଭାବ ଦେଖାଦେଇଛି । ଅନେକ ଜାଗାରେ ଜଳଯୋଗାଣ ଯୋଜନା ଫେଲ୍ ମାରିଛି । କେଉଁଠି ପାଣିଟାଙ୍କି ନିର୍ମାଣ ଅଧୁରା । ଏଇଭଳି ଅବ୍ୟବସ୍ଥା ସବୁଠି । ଏଭଳି ସମୟରେ ମଧ୍ୟ ନେତାମାନେ ସାହସ କରି ଗାଁକୁ ଯାଉଛନ୍ତି ପ୍ରଚାର ପାଇଁ । ଯେତେବେଳେ ଗାଁର ମହିଳାମାନେ ୨/୩ କିଲୋମିଟର ଦୂରରୁ ପାଣି ସଂଗ୍ରହ କରି ଫେରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ପାଣି ଅଭାବରେ ଛଟପଟ ହେଉଥିବା ଶୋଷିଲା ଲୋକଙ୍କୁ ସାମ୍ନା କରିବାର ସାହସ ନେତାମାନେ କିଭଳି ଜୁଟେଇ ପାରୁଛନ୍ତି ସେଇଟା ହିଁ ଆଶ୍ଚର୍ଯ୍ୟ ।

ପାଣି ପାଇଁ ରାତି ୨ଟାରୁ ନଳକୂପ ପାଖରେ ଧାଡ଼ି ଦେଖିବାକୁ ମିଳୁଛି । ଲୋକେ ପୋଖରୀ ପାଣି ପିଉଛନ୍ତି, ତେଣୁ ଜଳବାହିତ ସଂକ୍ରାମକ ରୋଗ, ଏଭଳି କି ଜଣ୍ଡିସ ବ୍ୟାପିବାର ସମ୍ଭାବନା ମଧ୍ୟ ରହିଛି- ଏ ହେଲା କୁହୁଡ଼ି ରତନପୁର ପଞ୍ଚାୟତର ପାନୀୟ ଜଳ ସମସ୍ୟାର ନଗ୍ନ ରୂପ ।

ଟାଙ୍ଗୀ ବଡ଼ପାରି ପମ୍ପ ହାଉସ୍‌ରେ ଲୋକେ ତାଲା ପକାଇ ଦେଇଛନ୍ତି । ଜଳଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ଗୁହାରି କରିବାରୁ ସେ କହିଛନ୍ତି- ଜଳ ଯୋଗାଣ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି । କେବଳ ଯାନ୍ତ୍ରିକ ତ୍ରୁଟି ମରାମତି ଦାୟିତ୍ୱ ତାଙ୍କ ହାତରେ ରହିଛି ।

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ କେଶଦୁରାପାଳ ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ରଙ୍କୁ ଶତାଧିକ ମହିଳା ପାନୀୟ ଜଳ ସମସ୍ୟା ନେଇ ଘେରିଥିଲେ । ଗ୍ରାମରେ ବହୁଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି । ପମ୍ପ ହାଉସ୍ ଅଚଳ । ଶୁଣୁଛି କିଏ? ଏଇଭଳି ଅଭିଯୋଗ ସେଠି ।

ଆଗକୁ ତାତି ଆହୁରି ବଢ଼ିବ । ଜଳକଷ୍ଟ ଆହୁରି ଉତ୍କଟ ହେବାର ସମ୍ଭାବନା ରହିଛି । ତେଣୁ ନିର୍ବାଚନରେ ଜିତିବା ପରେ ଲୋକଙ୍କ ଶୋଷ ନେତାମାନେ ନିଶ୍ଚେ ମେଣ୍ଟାଇବେ- ଏ ପ୍ରତିଶ୍ରୁତିରେ ଲୋକେ ସନ୍ତୁଷ୍ଟ ହୋଇନପାରନ୍ତି । ତେଣୁ ତତ୍କାଳ ସମାଧାନ ପାଇଁ ନିର୍ବାଚନ ପ୍ରଚାରରେ ଯାଉଥିବା ନେତାଏ ସାଙ୍ଗରେ ଦୁଇ ତିନୋଟି ପାଣି ଟ୍ୟାଙ୍କର ନେଇକି ଗଲେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରନ୍ତେ । ଲୋକଙ୍କ ମୁଣ୍ଡ ଥଣ୍ଡା କରିବା ସହଜ ହୁଅନ୍ତା ।

ଭୟ ଭାରି ଭୟଙ୍କର



ଅଆ-ପଣକିଆ

ବିଜୟ ଦାସ

‘ଆମ ଜାତକରେ ଡରଭୟ ନାହିଁ, ପ୍ରାଣ ଆତଙ୍କରେ ପଛଘୁଞ୍ଚା ଦେଇନାହୁଁ । ଆମେ ବୀର ଓଡ଼ିଆ’ ଏପରି ଅନେକ ସ୍ଲୋଗାନ ଶୁଣୁଛୁ, ଶୁଣିଛୁ ଓ ପଢ଼ିଛୁ । ଦିନ ଥିଲା କଳିଙ୍ଗର ବୀରପୁତ୍ରମାନେ ସାହାସୀ ଥିଲେ । ଖାରବେଳଙ୍କ ସେନା ଠାରୁ, ପାଇକ ବିଦ୍ରୋହ ପର୍ଯ୍ୟନ୍ତ, ପୁଣି କଳିଙ୍ଗ ଯୁଦ୍ଧରେ ଚଣ୍ଡାଶୋକ ବିରୁଦ୍ଧରେ ଓଡ଼ିଆ ବୀରଙ୍କର ବୀରତ୍ୱର ଗାଥା ଇତିହାସରେ ଉଜ୍ଜୀବିତ । ଉଭାସିତ ଓଡ଼ିଆଙ୍କର ସାହସ, ଶୌର୍ଯ୍ୟ ଏବଂ ପରାକ୍ରମ । ‘ଯିଏ ଡରିଗଲା, ସିଏ ମରିଗଲା’ର ନାରା ନିଶ୍ଚୟ ଉତ୍କଳୀୟ ପ୍ରାଣର ଅନନ୍ୟ ପ୍ରତୀକ । ହେଲେ ଗଲାଣି ତ ଗଲା କଥାରେ ସଙ୍ଗାତ ଗଲାଣି ତ ଗଲା କଥା । ବୀରତ୍ୱର ସ୍ଥାନରେ ଭୟାଳୁ ମାନସିକତା ଆସ୍ତେ ଆସ୍ତେ ଧସେଇ ପଶି ନାହିଁ ତ । ବ୍ୟକ୍ତିଗତ ସ୍ତରରେ ଭୟ ବସାବାନ୍ଧି ସାରିଛି ସମାଜରେ । ଆଶା ଛାଡ଼ି ଆଶଙ୍କାରେ ପ୍ରତି ମୁହୂର୍ତ୍ତରେ ଜୀବନ ବିତୁଛି । ଚାରିପାଖରେ ଭୟର ବାତାବରଣ । ଏହି ଭୟ ଭାରି ଭୟଙ୍କର । ଭୟ ଅନ୍ୟ କାହାର କ୍ଷତି ଘଟାଏନି, ଘଟାଏତ ନିଜର । ଏହି ଭୟର ଭୟାବହତାକୁ ନେଇ ଆଜିର ଅଆ-ପଣକିଆ ।

ଶିଶୁଟିଏ ଜନ୍ମ ନେଲେ କାନ୍ଦେ କାହିଁକି? ମାତୃଗର୍ଭରେ ସୁରକ୍ଷିତ ମଣୁଥିବା ଶିଶୁଟି ଭୂମିଷ୍ଠ ହେଲାପରେ, ଖୋଲାମେଲା ଆଲୁଅକୁ ଦେଖି, ଦୁନିଆକୁ ଦେଖି ଚିତ୍କାର କରେ । ଏଥକୁ ତାପମାତ୍ରାର ଫରକ୍ ଓ ଅନ୍ଧାର ଆଲୁଅର ବ୍ୟବଧାନ ହିଁ ମୁଖ୍ୟ । ପୁଣି ଅନ୍ୟ ହାତର ସ୍ପର୍ଶ ଅଲଗା ଲାଗେ ତ ଏକ ପରାଭୂତ ହେବାର ଭାବନା ହିଁ ଆସେ। ସ୍ୱାଧୀନ ସ୍ପର୍ଶରୁ ପରାଧୀନତାର ଅଲଗା ଲାଗେତ ଏକ ପରାଭୂତ ହେବାର ଭାବନା ହିଁ ଆସେ । ସ୍ୱାଧୀନ ସ୍ପର୍ଶରୁ ପରାଧିନତାର ଆଶଙ୍କା ପରିବ୍ୟାପ୍ତ ହୁଏ ଶରୀରରେ । ଏ ଭୟ ଏକ ଅଚେତନ ଅବସ୍ଥାର ଭୟ । ଜୀବନ ଚାଲିଥାଏ, ଆଉ ଶରୀରର ଅଗ୍ରହଣୀୟତା ହିଁ ଭୟର କାରଣ । ଏହି ଅବସ୍ଥାରେ ଅଶାନ୍ତ ଶରୀରକୁ ଶାନ୍ତ କରିବାର କୌଶଳ ତଥା ଧୀରେଧୀରେ ଭୟ ଭାବର ବାଷ୍ପୀକରଣ ହେଉଥାଏ । ଥରେ ବୁଝିଗଲେ ଆଉ ଆଖିରେ ଲୁହ ଆସେ ନାହିଁ, ଛାତିରୁ କୋହ ବି ବିଲୁପ୍ତ ହୁଏ ଏବଂ ଓଠରେ ହସ ଫୁଟେ । ଏହାର ଲକ୍ଷଣ ହେଲା ଭୟର ଅନ୍ତ ହେଲା । କିନ୍ତୁ ଯଦି ଶାରୀରିକ କଷ୍ଟ ବଳବତ୍ତର ରହିଲା ତ ଭୟ, ଭୟଙ୍କର ହୋଇଯାଏ । ପରବର୍ତ୍ତୀ ସମୟରେ ସେ ଭୟ ଆବୋରିବସେ ମସ୍ତିଷ୍କକୁ।

କ୍ରମବର୍ଦ୍ଧିଷ୍ଣୁ ଶିଶୁର ଭୟ ସବୁ ଭିନ୍ନ ଭିନ୍ନ ରୂପରେ ଆସେ । ଏ ଭୟ କୌଣସି ପଶୁଠାରୁ ବେଶି ନୁହେଁ, ବରଂ ପରିବାରରୁ ଏବଂ ପାରିପାର୍ଶ୍ୱିକ ଅବସ୍ଥାରୁ ଆସେ । ଯେତେବେଳେ ବଡ଼ ମଣିଷମାନେ ଭାବିନିଅନ୍ତି ଯେ ଶିଶୁଟି ସ୍ୱାଧୀନଚେତା ହୋଇଉଠୁଛି, ନିଜ ସଂସ୍କାରର ବାଟରେ ନଯାଇ ଅପସଂସ୍କାରୀ ହୋଇଯାଉଛି, ସେତେବେଳେ ତାକୁ ସଠିକ୍ ବାଟକୁ ଫେରେଇ ଆଣିବା ପାଇଁ ଦଣ୍ଡବିଧାନ କରନ୍ତି । ଫଳତଃ ଶାରୀରିକ ପୀଡ଼ା ଭୟ ସୃଷ୍ଟି କରେ । ଭବିଷ୍ୟତରେ ଏହି ଭୟ ଶିଶୁଟିକୁ ଭୟାଳୁ କରିଦେବାକୁ ଯଥେଷ୍ଟ । ଦଣ୍ଡ ଆକଟର ହୁଏତ ପରିଭାଷା ସ୍ନେହ ପ୍ରୀତିରେ ବି ହୋଇପାରେ । ଶୈଶବର ଭୟ ହୁଏତ ଘୃଣା ସୃଷ୍ଟି କରିପାରେ ଭବିଷ୍ୟତରେ ଏବଂ ଘୃଣା ଭୟଙ୍କର ହୋଇ ପ୍ରତିଶୋଧ ପରାୟଣତାକୁ ଜନ୍ମଦିଏ ।

ପାଠଶାଳାରେ ଶିକ୍ଷା ଆରମ୍ଭ ହେଲେ ଏହି ଭୟର ମାତ୍ରା ବଢ଼ିବଢ଼ି ଯାଏ । କୌଣସି ବିଷୟର ଅସହଜତା ହିଁ ଭୟର ମୁଖ୍ୟ କାରଣ । ଏଥକୁ ଶିକ୍ଷାର୍ଥୀର ଭୁଲ୍ ବେଶି ନଥାଏ, ଯେତେ ଭୁଲ୍ ଥାଏ ଅଭିଭାବକ ଏବଂ ଶିକ୍ଷକଙ୍କର । ଅଭିଭାବକର ବଡ଼ ଭୁଲ୍ ହେଉଛି ସେ ତୁଳନା କରିବସେ ଅନ୍ୟ ପଡ଼ୋଶୀର ପିଲା ସହିତ । ଶିକ୍ଷକ ମଧ୍ୟ ତୁଳନା କରିବସନ୍ତି ଅନ୍ୟ ମେଧାବୀ ଛାତ୍ର ସହିତ । ଏହା କେବେବି ସମ୍ଭବ ନୁହେଁ ଯେ ସଭିଏଁ ସବୁ ବିଷୟରେ ରୁଚି ରଖିବେ ଏବଂ ସବୁଥିରେ ଦକ୍ଷତା ଅର୍ଜନ କରିବେ । ଅନେକ ହୁଏତ ପାଠ ଠାରୁ ଶାଠରେ ବେଶ୍ ମାହିର୍ । ଯଦି କାହାର ପିଲା ଭଲ ପାଠ ବି ପଢ଼ିନପାରିଲା, ସେ ହତାଶ ନହୋଇ ତା’ର କ୍ରୀଡ଼ାରୁଚିକୁ, ଗୀତ ସଙ୍ଗୀତ ରୁଚିକୁ ମଧ୍ୟ ପ୍ରଶଂସା କରିପାରିବ । ଏହି ପ୍ରଶଂସା ହିଁ ତାକୁ ଆଗକୁ ବଢ଼ିବାକୁ ସାମର୍ଥ୍ୟ ଯୋଗାଏ । ଯେ ପର୍ଯ୍ୟନ୍ତ ନିଜେ ନବୁଝିଛି ତା’ର ଦୁର୍ବଳତା, ତା’ର ଦକ୍ଷତା ଆସିବା ଅସମ୍ଭବ । ଏହି ଦୁର୍ବଳତାକୁ ସବଳ କରିବାକୁ ହେଲେ ଏକମାତ୍ର ଉପାୟ ତାକୁ ବୁଝେଇବା । ଯେପରିକି ଅଙ୍କରେ ଯଦି ଚାଳିଶ ରଖିଛି, ପ୍ରଥମେ ପ୍ରଶଂସା କର ଆରେ ଅନେକ ପିଲାଙ୍କର ତ ତିରିଶ ବି ନାହିଁ। ତୋର ତ ଚାଳିଶ । କିନ୍ତୁ ତୋ’ ଉପରେ କିଛି ପିଲା ୫୦ ବି ରଖିଛନ୍ତି । ଅତଏବ ପଚାଶ ପାଇଁ ପ୍ରୟାସ ହେଉ । ପଚାଶରୁ ସତୁରୀ, ସତୁରୀରୁ ନବେ ଶହେ ହେବା ବଡ଼ କଥା ନୁହେଁ ।

ପାଠ ହେଲା ଗରମ ଯାଉ । ଗରମ ଯାଉକୁ ଆସ୍ତେ ଆସ୍ତେ ଭକ୍ଷଣ କଲେ ଥାଳି ଶୂନ୍ୟ ହୋଇଯିବ । ପାଠ କଣ୍ଠସ୍ଥ ଗର୍ଭସ୍ଥ ହୋଇଯିବ । ଆଶା ତ ବୈତରଣୀ ନଇ ବୋଲି ପ୍ରବାଦଟିଏ ଅଛି । ଏହି ଆଶା ସଂଚାର ଦିଗରେ ଉପନଦୀମାନଙ୍କର ବିନ୍ଦୁ ବିନ୍ଦୁ ଜଳର ଆବଶ୍ୟକତା ଅଛି । ଜଣଙ୍କର ଯେକୌଣସି ଭୟ ଦୂର କରିବା ପାଇଁ ଅନେକ ପ୍ରୟାସ ଓ ଅନେକଙ୍କର ପ୍ରୟାସ ଅପରିହାର୍ଯ୍ୟ । ଏ ପ୍ରୟାସ ଆମର ଦାୟିତ୍ୱ । ଏଥକୁ ଅନ୍ୟ ଦିଗରେ ଥିବା ଭୟକୁ ଆସିବା । ଅସୁରୁଣୀ ବୁଢ଼ୀର କାହାଣୀ, ଅନ୍ଧାରର ଭୟାବହତା, ହିଂସ୍ରତାର ବିସ୍ତାରିତ ବଖାଣ ଇତ୍ୟାଦିକୁ ବର୍ଜନ କରିବା ଉଚିତ୍ । ବରଂ ଏପରି ଆଶ୍ୱାସନା ଦେବା ଉଚିତ୍ ‘ଡର କାହାକୁ, ଭୟ କାହାକୁ, ଠାକୁରେ ଅଛନ୍ତି ଚଉବାହାକୁ’ । ଡରକୁ ସାହସ ଦ୍ୱାରା ଓ କୌଶଳ ଦ୍ୱାରା ପ୍ରତିହତ କରିବାକୁ ଉପଦେଶ ଦେବା ଦରକାର ।

କୌଣସି ଏକ ପ୍ରଶ୍ନର ଉତ୍ତର ହୁଏତ ମନେରହୁନାହିଁ । ଆସୁନାହିଁ ଆସୁନାହିଁ କହିଲେ ଭୟ ଆସିଯିବ । ମାତ୍ର କ’ଣ ସେ ଉତ୍ତରଟା ଯେ ଆସୁନାହିଁ ବାରମ୍ବାର କହୁନ୍ତୁନା’ ଉତ୍ତର ମନେରହିଯିବ । ଶିଶୁଟିକୁ ଯେତେ ବାରଣ କରିବ ସେ ସେହି କାର୍ଯ୍ୟ ପ୍ରତି ବେଶି ଆଗ୍ରହ ଦେଖାଇବ । ଏଣୁ ଏମିତି ବାରଣ କର ଭଲ କାର୍ଯ୍ୟକୁ ସେ ସେହି ସୁକାର୍ଯ୍ୟ କରିବ ହିଁ କରିବ । ଆରେ କ’ଣ ଏତେ ପଢୁଛୁ କହିଲେ ତା’ ଭିତରେ ଚେତନା ଆସେ ‘କାହିଁକି ପଢ଼ିବିନି’, ‘ନିଶ୍ଚୟ ପଢ଼ିବି’ । ଏହିହିଁ ଏକପ୍ରକାର ନକରାତ୍ମକ ଭାବରେ ସକରାତ୍ମକ ଫଳ ପାଇବାର ଉପାୟ । କୌଣସି ଚାପ ହିଁ ଭୟର କାରଣ । ଆଉ ଏହି ଭୟ ଏତେ ଭୟଙ୍କର ହୁଏ ପରବର୍ତ୍ତୀ ପର୍ଯ୍ୟାୟରେ ଯେ ନିଜର ସର୍ବନାଶ କରିଦିଏ ।

ଭୟ ପାଇ ବା ଡରି ପଳାୟନ କଲେ କ’ଣ ଭୟ ପିଛା ଛାଡ଼େ । ଅସଫଳତା ଏକ ଭୟ । ଏହି ଭୟକୁ ସାମ୍ନା କରି ସଫଳତା ପାଇବାର ମାର୍ଗ ଖୋଜିବା ଉଚିତ୍ । ନହେଲେ ଖସିଗଲା ଗୋଡ଼ ତଳକୁ ତଳକୁ ପରି ଦିନେ ଭୟ ଏତେ ଭୟଙ୍କର ହୋଇଯିବ ଯେ ଆଉ ଉଠିବସିବା ସମ୍ଭବ ନୁହେଁ । ଏବେ ସାଂସ୍କୃତିକ ବା ସଂସ୍କାରର ଭୟ ଘାରିଛି ପୂର୍ବ ପିଢ଼ିକୁ। ପରମ୍ପରା ପ୍ରଥା ଶେଷ ହୋଇଯିବାର ଭୟ । ଏହା କାହିଁକି ହେଲା? ଟିକିଏ ପଛକୁ ଫେରିଲେ ଆମ ପ୍ରଥା ପରମ୍ପରା ଓ ଚଳଣିର ଅବକ୍ଷୟ ପାଇଁ ଆମେ ସୁଯୋଗ ଦେଇନାହୁଁ କି? ଫକୀରମୋହନଙ୍କର ଡାକ ମୁନ୍‌ସୀ ଗପ ପରି ଅନେକ ଡାକ ମୁନ୍‌ସୀ ତିଆରି ହୋଇସାରିଲେଣି । ଯେତେବେଳେ ବି ପରପିଢ଼ିର ଦାୟାଦମାନେ ସାମାନ୍ୟ ନଗ୍ନତାକୁ ଆପଣେଇଲେ ଆମେ କିଛି କହିଲେ ନାହିଁ । ଯେତେବେଳେ କୁଳବୋହୂ ମଥାରୁ ଅଳ୍ପ ଓଢ଼ଣା ଖସେଇଲା ଗୁରୁଜନଙ୍କ ସାମ୍ନାରେ ଆମେ ବାଧା ଦେଲେ ନାହିଁ । ଏବେ ପୁରା ମୁକୁଳା ଲଙ୍ଗଳା ହେଲେ ଦୋଷ କାହାର? ଏବେ କିଆଁ ଅପସଂସ୍କୃତିର ଭୟ ଆସୁଛି?

ଶିଷ୍ଟାଚାର ଯେତେବେଳେ ଭ୍ରଷ୍ଟାଚାରରେ ପରିଣତ ହେଉଛି ସେତେବେଳେ ଆବାଜ ଉଠାଇବାକୁ ଆମେ ଭୟ କରୁଛେ । କିନ୍ତୁ ପରେପରେ ଏହା ଏପରି ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି ଯେ ‘ଚୋର ମାଆ ଲୁଚିଲୁଚି କାନ୍ଦୁଛି’ । ପରବାଡ଼ିରୁ ଆମ୍ବ ଚୋରି କଲାବେଳେ ମାଆ କିଛି କହିନଥିଲା । ଏବେ ତା’ର ଘରୁ ଧନରତ୍ନ ଚୋରି କରି ଜେଲ୍ ଗଲାପରେ ବାହୁନିଲେ କି ଲାଭ! ଆମର ସବୁ କିଛି ସହିବାର ଗୋଟେ ଅଭ୍ୟାସ ହୋଇଗଲାଣି । ଠିକ୍ ହଡ଼ା ବଳଦର ଆତ୍ମ କାହାଣୀ ପରି । ତୁଣ୍ଡରେ ମୁଠେ ଦେଇ ପିଠିରେ ଚାବୁକ୍ ଚଳେଇଲେବି କିଛି ପ୍ରତିବାଦ କରିବାର ନାହିଁ । ମୁଁ ମୋ’ ପାଇଁ ଭୟ ସୃଷ୍ଟି କରୁଛି । ଯଦି କିଛି ମାଗଣାରେ ମିଳିଲା ମୁଁ ହାଇଁପାଇଁ । ଏଥକୁ ମୋ’ ଉପରେ ତା’ର ଜୁଲୁମ୍, ତା’ର ହୁକୁମ୍ ମୋତେ ହିଁ ସହିବାକୁ ପଡ଼ିବ ।

ଯୁଗେ ଯୁଗେ କିଛି ଲୋକ ଅନ୍ୟ କିଛିଙ୍କୁ ଭୟ କରିବାର ନଜିର ରହିଛି । ଯିଏ ଆସ୍ଫାଳନ କରେ, ଦମନ କରେ ଭାବୁଛନ୍ତି କି ସେ ଆପଣଙ୍କୁ ଭୟ ଦେଖାଉଛି? ନା ବରଂ ସେ ଆପଣଙ୍କୁ ଭୟ କରୁଛି । କାଳେ ଆପଣ ମୁଣ୍ଡ ଉଠେଇଲେ ତା’ ମୁଣ୍ଡ ରହିବ ନାହିଁ ଦେଖାଇବାର ନାହିଁ । ଏମିତିରେ ପ୍ରତିବାଦ ବିଦ୍ରୋହର କଥା ତ ଯୁଗେ ଯୁଗେ ରହିଛି । ଏକଛତ୍ରବାଦୀ ହେବାକୁ ଯେଉଁ ରାଜା ଚେଷ୍ଟା କରିଛି । ସେ ଦୁର୍ବଳ ରାଜାକୁ ନୁହେଁ ସବଳରାଜାକୁ ଆକ୍ରମଣ କରିଛି । ସାପକୁ ମଣିଷ ଭୟ ପାଇ ମାରିଦିଏ । କାରଣ ସେ ଜାଣେ ସାପ ଭୟଙ୍କର । ଅନେକ କ୍ଷେତ୍ରରେ ଭୟ ରହିବା ବି ଦରକାର । ଏ ଭୟ ସେ ମାରାତ୍ମକ ଭୟ ନୁହେଁ, ବରଂ ସମ୍ମାନ । କୁହାଯାଏ ଭୟରୁ ଭକ୍ତି, ଭକ୍ତିରୁ ଶକ୍ତି ଏବଂ ସେ ଶକ୍ତିରୁ ପୁଣି ଭୟରୁ ମୁକ୍ତି । ଆଗତ ଭବିଷ୍ୟତ ନଜାଣି କେବଳ ଆତଙ୍କିତ ହୋଇ ଆମେ ଭୟକୁ କୋଳାଗ୍ରତ କରୁ । ଏଣୁ କୁହାଯାଏ ସର୍ବଦା କୁହ ଶୁଭ ଶୁଭ ଶୁଭ । ବିପଦ ପଡ଼ିବା ମଧ୍ୟ ଶୁଭ । ଏହାର ପ୍ରଚ୍ଛଦ ପଟ୍ଟରେ ହୁଏତ କିଛି ଶୁଭ ସମ୍ବାଦ ଲୁଚି ରହିଥାଇପାରେ?

ଜଣଙ୍କ ମନରେ ଭୟ ସୃଷ୍ଟି କରିବାର ଅର୍ଥ ତା’ ମନ ଭିତରେ ବିଦ୍ୱେଷ ଓ ପ୍ରତିଶୋଧର ଭାବ ଉଦ୍ରେକ କରିବା । ଏହି ଭୟ ଏକ ଭୟଙ୍କର ଯୁଦ୍ଧର ସୂତ୍ରପାତ କରିପାରେ । ରୋଗକୁ ଭୟ ପାଇଲେ ସେ ଭୟଙ୍କର ହୁଏ । କିନ୍ତୁ ତା’ର ପ୍ରତିରୋଧ କଲେ ହୁଏତ ରୋଗ ହାରିଯାଏ । ଜଳଧାରାକୁ ଭୟ କଲେ ସେ ପ୍ଲାବନ ସୃଷ୍ଟି କରିବ । ଭୟ ନକରି ବନ୍ଧବାନ୍ଧିଦେଲେ ସେ ଅଟକିଯିବା ଯଦି ଖରା ବର୍ଷାକୁ ଭୟ କରିବା ତ କୃଷି କରିବା କିପରି ନା ନିର୍ମାଣ କରିବା କିପରି! ବରଂ ସବୁ ପ୍ରତିକୂଳ ପରିସ୍ଥିତିରେ ଅଗ୍ରସର ହେବ । ଖୋର୍ଦ୍ଧାର ଧର୍ମ । ମଣିଷର ଧର୍ମ । ମଣିଷ ଛାଇକୁ ଡରେ କିନ୍ତୁ ଛାଇକୁ ବି ଖୋଜେ । ନିଜର ଛାଇକୁ ନିଜେ ଡରୁଥିବା ମଣିଷଟି ନିଶ୍ଚେ ଜଣେ କୁଟୀଳ ମଣିଷ । ପୁଣି ଅନ୍ୟର ଛାଇକୁ ଡରିଗଲେ ନିଜ ଛାଇ ବି ଅନ୍ତର୍ହିତ ହୋଇଯିବ ।

ଡର ବଡ଼ ହେଲେ ଡରେଇବ । ଲୋକ ସାହସ ପାଇଯାଏ । ଭୟକୁ ବଢ଼ାଇବାକୁ ଦିଅ ନାହିଁ ଦେଖିବ କେବେବି ପରିସ୍ଥିତି ଭୟଙ୍କର ହେବ ନାହିଁ । ଆଜିକାଲି ତ ପରସ୍ପରକୁ ଡର । କାରଣ ବିଶ୍ୱାସର ସତ୍ତା କମି କମି ଆସୁଛି । ଝିଅକୁ ଭୟ କଲେ ମାଆର କ୍ଷତି ପୁଣି ମାଆକୁ ଭୟ କଲେ ଝିଅର କ୍ଷତି । ବାପା ପୁଅ ଭିତରେ ଭୟ, ଭାଇ ଭାଇ ଭିତରେ ଭୟ ଏକ ଭୟଙ୍କର ସମ୍ପର୍କକୁ ଜନ୍ମ ଦେଉଛି । ଦେଶ ଦେଶ ଭିତରେ ଭୟର ବାତାବରଣ ସୂଚେଇ ଦେଉଛି ବିନାଶର ଭୟଙ୍କର ସ୍ଥିତି । ଭୟରହୁ ସତ୍ୟତା ପ୍ରତି, ଧର୍ମ ପ୍ରତି, କର୍ମ ପ୍ରତି ଏକ ସମ୍ମାନ ରୂପରେ ଆଦର ରୂପରେ । ନକରାତ୍ମକ ଭୟ ସତରେ ଭୟଙ୍କର ।

ଅନନ୍ତବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର
ମୋ. ୯୩୪୮୮୯୩୭୫୨

କଟକ ବଡ଼ମେଡିକାଲର ଏମଆରଆଇ ସ୍ୱାସ୍ଥ୍ୟସେବା

■ ଶ୍ୟାମସୁନ୍ଦର ସାମଲ ■

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର କେବଳ ଆଭିଡ଼ି ନାହାନ୍ତି ବରଂ ଏହାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସେହିପରି ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ନବୀନ କାର୍ଡ ଓ ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମଗ୍ର ଭାରତରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣାର ବାଟ ଦେଖାଇଛି । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ କେବଳ ଓଡ଼ିଶାବାସୀ ନୁହଁନ୍ତି, ଉତ୍ତର ପୂର୍ବାଞ୍ଚଳ ଅନେକ ରାଜ୍ୟର ଗରିବ ରୋଗୀମାନେ ଏହା ଉପରେ ନିର୍ଭରଶୀଳ । ବଡ଼ ମେଡିକାଲର ଏମଆରଆଇ ବ୍ୟବସ୍ଥାରେ ସମସ୍ତ ପରୀକ୍ଷା ନିରୀକ୍ଷା ଅତି ସୁଚାରୁରୂପେ ବର୍ଷ ବର୍ଷ ଧରି ସମ୍ପାଦନ ହୋଇଆସୁଛି ।ତେବେ ବଡ଼ ବିଚିତ୍ର କଥା ଏଠାରେ ଜଣେ ରୋଗୀଙ୍କୁ କୌଣସି ପ୍ରକାରର ଏମଆରଆଇ ପରୀକ୍ଷାର ସୁବିଧା ନେବାକୁ ହେଲେ ତାଙ୍କୁ ଆଉଟ ଡୋରର କୌଣସି ଡାକ୍ତରଙ୍କ ସୁପାରିସରେ ଗ୍ରହଣ କରାଯାଇପାରିବ ନାହିଁ । ନୂଆ ବ୍ୟବସ୍ଥା ଅନୁଯାୟୀ ତାଙ୍କୁ ଇନ୍ ଡୋରରେ ଭର୍ତ୍ତି ହେବାକୁ ପଡ଼ିବ ଏବଂ ପରବର୍ତ୍ତୀ ସମୟରେ ସେ ଡାକ୍ତରଙ୍କ ସୁପାରିସରେ ଏମଆରଆଇ କେନ୍ଦ୍ର ପରିସରରେ ଥିବା ରିଜିଓନାଲ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ତାଙ୍କ ଆବେଦନ ଡାକ୍ତରୀ ପ୍ରେସକ୍ରିପ୍‌ସନ୍ ନେଇ ଯିବାପରେ ସେଠାରେ ଜନୈକ କିରାଣି ସେ ଭଦ୍ରବ୍ୟକ୍ତି ନିଷ୍ପତ୍ତି ନେବେ । ସେ ସମ୍ପୃକ୍ତ ରୋଗୀ ବଡ଼ ମେଡିକାଲ ପରିସରସ୍ଥିତ ଏମଆରଆଇ ପରୀକ୍ଷା କେନ୍ଦ୍ରକୁ ଯିବେ କିମ୍ବା ଆଚାର୍ଯ୍ୟ ହରିହର କ୍ୟାନସର ଇନଷ୍ଟିଚ୍ୟୁଟ୍‌କୁ ଯିବେ । ଏ ନିଷ୍ପତ୍ତି ଜଣେ ଡାକ୍ତର ବା ବିଭାଗୀୟ ଟେକ୍ନିସିଆନ୍ ନେବା କଥା । ବଡ଼ ମେଡିକାଲ ଓ ଆଚାର୍ଯ୍ୟ ହରିହରି କ୍ୟାନସର କେନ୍ଦ୍ରରେ ଥିବା ଏମଆରଆଇ ମେସିନ୍ ସମ୍ପୂର୍ଣ୍ଣ ସଠିକ ଭାବେ କାର୍ଯ୍ୟକ୍ଷମ । ତେବେ ଅନୁସନ୍ଧାନରୁ ଜଣାଯାଇଛି ଯେ ଆଚାର୍ଯ୍ୟ ହରିହର କ୍ୟାନସର କେନ୍ଦ୍ରରେ ଥିବା ଏମଆରଆଇ ବ୍ୟବସ୍ଥାକୁ ମଣିପାଲ ଗ୍ରୁପ୍ ଦ୍ୱାରା ପରିଚାଳିତ । କଟକ ବଡ଼ମେଡିକାଲ ସ୍ଥିତ ଏମଆରଆଇ କେନ୍ଦ୍ରକୁ ମିଛରେ ଖରାପ ବୋଲି କହି ଡହଡହ ଖରାରେ କ୍ୟାମ୍ପସ ବାହାରେ ଥିବା ଆଞ୍ଚଳିକ ହରିହର କ୍ୟାନସର କେନ୍ଦ୍ରକୁ ପଠାଯାଉଛି ।

ବର୍ତ୍ତମାନର ଖରାର ତାତି ଯାହା, ଅନେକ ରୋଗୀ ହଇରାଣ ହରକତ ହୋଇ ଅଂଶୁଘାତକୁ ସାମ୍ନାକରି ଅଚେତ ମଧ୍ୟ ହୋଇଯାଉଛନ୍ତି । ସେହିପରି ରୋଗୀମାନଙ୍କୁ ନିଜସ୍ୱ ବ୍ୟବସ୍ଥାରେ ସେଠାକୁ ମୁଖ୍ୟ ରାସ୍ତା ଅତିକ୍ରମ କରି ବିପଦସଙ୍କୁଳ ଭାବେ ଯିବାକୁ ପଡୁଛି । କଟକ ବଡ଼ ମେଡକାଲ ପରିସରସ୍ଥିତ ଏମଆରଆଇ କେନ୍ଦ୍ରରେ ଦିନକୁ ୨୦ରୁ ୨୫ ଜଣଙ୍କର ଏମଆରଆଇ ପରୀକ୍ଷା କରାଯାଉଛି । ଏହା ପଛରେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ଲିମିଟେଡର ଉଦ୍ଦେଶ୍ୟମୂଳକ ଭୂମିକା ରହିଛି । ଏହି ସଂସ୍ଥାଟି ଏକ ଟେଣ୍ଡରିଂ ସଂସ୍ଥା ହୋଇଥିଲେ ମଧ୍ୟ ଏମାନେ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନକୁ କିପରି ଚିଠି ପଠାଇବାର କ୍ଷମତା ରଖୁଛନ୍ତି, ତାହାହିଁ ଆଶ୍ଚର୍ଯ୍ୟର ପ୍ରଶ୍ନ । କଟକ ବଡ଼ମେଡିକାଲର ସୁପରିଣ୍ଟେଣ୍ଡେ, ମେଡିକାଲର ପ୍ରଶାସନ ଅଧିକାରୀ, ରେଡିଓଲୋଜି ବିଭାଗର ବିଭାଗମୁଖ୍ୟ ଓ ଆଞ୍ଚଳିକ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକଙ୍କ ମିଳିତ ଯୋଜନାବଦ୍ଧ ଭୂମିକା ଏଠାରେ ବେଶ୍ ସ୍ପଷ୍ଟ । କୌଣସି ରୋଗୀକୁ ଆଉଟ୍ ଡୋରରେ ଏମଆରଆଇ ସୁବିଧା ନ ଦେବା ଏବଂ ଏଥିପାଇଁ ଇନ୍ ଡୋର ଆଡମିସନ ଜରୁରୀ – ଏହି ବ୍ୟବସ୍ଥା ଭାରତରେ କୌଣସି ଡାକ୍ତରଖାନାରେ ନାହିଁ। ଏହା କେବଳ ବିଶ୍ୱସ୍ତରୀୟ କଟକ ବଡ଼ ମେଡିକାଲରେ ସମ୍ଭବ ହୋଇପାରିଛି!! ବଡ଼ ମେଡିକାଲ ପରିସରରେ ଥିବା ଏମଆରଆଇ ପରୀକ୍ଷା କେନ୍ଦ୍ର ଆଜିକୁ ବର୍ଷ ବର୍ଷ ହେଲା ନିର୍ଭରଯୋଗ୍ୟ ଓ ବିଶ୍ୱସନୀୟ ଭାବେ ସେବା ଯୋଗାଇ ଦେଇ ଆସୁଛି । ତେବେ କୌଣସି ପରିସ୍ଥିତିରେ ମଧ୍ୟ ଅପ୍ରୀତିକର ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିନାହିଁ । ଘରୋଇ ସହଭାଗୀତା (ପିପି ମୋଡ୍‌ରେ) ରୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଏହି ସେବା ଯୋଗାଇ ଦିଆଯାଉଛି । ଓଡ଼ିଶା ସରକାର ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ କିଛି ନ୍ୟସ୍ତ ସ୍ୱାସ୍ଥ୍ୟଗୋଷ୍ଠୀଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ରରେ ଆଜି କଟକ ବଡ଼ମେଡିକାଲ ଅଯଥାରେ ବଦନାମ ହେଉଛି । ଏଣୁ ସରକାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଏପରି ସଂସ୍ଥାଙ୍କ ସ୍ୱାସ୍ଥ୍ୟ ପ୍ରଶାସନକୁ ଚିଠି ଲେଖିବାର କ୍ଷମତା ଓ ଅନଧିକାରଭାବେ ଅନ୍ୟ ବିଭାଗର କାର୍ଯ୍ୟରେ ହସ୍ତକ୍ଷେପ କରି ଅପପ୍ରଚାର ଦ୍ୱାରା କୌଣସି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବଦନାମ ନ କରନ୍ତି । ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ନିର୍ଭରଯୋଗ୍ୟ ଓ ବିଶ୍ୱସନୀୟ ଯାହାପାଇଁ ଆମର ୬ରୁ୭ଟି ପଡ଼ୋଶୀ ରାଜ୍ୟ ଆମ ରାଜ୍ୟର ଡାକ୍ତରଖାନା ଉପରେ ନିର୍ଭରଶୀଳ । ସରକାର ତୁରନ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରି ଲୋକମାନଙ୍କ ବିଶ୍ୱାସଭାଜନ ହୁଅନ୍ତି ।

ବିଡ଼ାନାସୀ ବନ୍ଧ ଛକ, କଟକ

ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଇମା ଭୂମିକାରେ ଭକ୍ତକବିଙ୍କ ‘ବର୍ଣ୍ଣବୋଧ’

■ ବିପିନ ବିହାରୀ ରାଉତ ■

‘ଚକା ଚକା ଭଉଁରୀ, ମାମୁଁ ଘର ଚଉଁରୀ’, ‘ରାତି ପାହିଲାଣି ରାବଇ କାଉ, ଉଠ ଉଠ ଆଉ ମଠ ନକର ଆଉ’, ‘ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହାକି ସୁନ୍ଦର ଲୋହିତ ଛବି’, ‘ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ’- ଏହିପରି ଚମତ୍କାର ଜୀବନ ଆବେଗର ଅତ୍ୟନ୍ତ ବିଲକ୍ଷଣ ପଂକ୍ତିଗୁଡ଼ିକର ଧାଡ଼ି ଅଗଣିତ କୋଟି କୋଟି ଓଡ଼ିଆଙ୍କ ଜିଭ ଆଗରେ ଏବେ ବି ପ୍ରତିଦିନ ଝଙ୍କୃତ ହେଉଥାଏ । ସମସ୍ତଙ୍କୁ ଏହା ଜଣା ଯେ ଏହି କାଳଜୟୀ ଓ ଶିକ୍ଷା ପ୍ରଦାୟକ ନୈତିକ ଶିକ୍ଷାର ବାର୍ତ୍ତାବହ ତଥା ଜୀବନତ୍ୱର ନୀତିବାଣୀର ମର୍ମସ୍ପର୍ଶୀ ଲେଖନୀ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଅଦ୍ୱିତୀୟ ସୃଷ୍ଟି ‘ବର୍ଣ୍ଣବୋଧ’ । ଇତିମଧ୍ୟରେ ଏହାର ପୁନଃ ପ୍ରକାଶ ହେବାକୁ ଯାଉଛି । ପାଖାପାଖି ୧୧୦ ଦଶ ବର୍ଷ ପରେ କୋଟି କୋଟି ଓଡ଼ିଆ ଏହି ହୃଦୟସ୍ପର୍ଶୀ ପୁସ୍ତକକୁ ପୁଣିଥରେ ନୂଆ ରୂପରେ ପଢ଼ିବା ପାଇଁ ଯାଉଛନ୍ତି । ୧୯୦୧ ମସିହାରେ ଏହି ବର୍ଣ୍ଣବୋଧକୁ ଲେଖିଥିଲେ ଭକ୍ତକବି ମଧୁସୂଦନ ରାଓ । ଓଡ଼ିଆ ବର୍ଣ୍ଣବୋଧ ଆମ କେବଳ ସମସାମୟିକ ଜୀବନକୁ ନୁହେଁ ଏପରି କ୍ୱଚିତ ଓଡ଼ିଆ ରହିଥିଲେ ଯେଉଁମାନେ କି ଏହାକୁ କେବଳ ଯେ ନପଢ଼ିଥିବେ ବରଂ ଏହାକୁ ବୁଝି ନଥିବେ । ଓଡ଼ିଆ ମାଟି, ପାଣି, ପବନ, ଓଡ଼ିଆ ଭାବନା, ଜୀବନ ଚେତନା, ପ୍ରାକୃତିକ ନୈସର୍ଗୀକ ସୌନ୍ଦର୍ଯ୍ୟ, ଜୀବନ ନୈତିକ ଶିକ୍ଷା, ନୀତିବାଣୀର ଭାବନା ଏପରି ଅନେକ ଚେତନାରେ ସମ୍ପୂର୍ଣ୍ଣ ଭରପୁର ହୋଇଛି ଏହି ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ ।

କୋଟି କୋଟି ଓଡ଼ିଆଙ୍କ ଦେଢ଼ଶହ ବର୍ଷ ଧରି ସେମାନଙ୍କ ଜୀବନ ପ୍ରାଣର ଏକ ପ୍ରକାର ଆବାହନୀ ଓ ସାମଗ୍ରିକ ଶିକ୍ଷାର ଅମାପ ବାର୍ତ୍ତା ଭରି ରହିଥିବା ଏହି ବର୍ଣ୍ଣବୋଧ ପୁନର୍ବାର ଓଡ଼ିଆରେ ପ୍ରକାଶିତ ହୋଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି । ଅନେକ ହୁଏତ ଜାଣିନଥିବେ ବଙ୍ଗଳା ସାହିତ୍ୟର ସାରସ୍ୱତ ନାୟକ ଓ ପ୍ରସିଦ୍ଧ ଲେଖକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବଙ୍ଗଳା ଭାଷା ପାଇଁ ‘ବର୍ଣ୍ଣ ପରିଚୟ’ ପୁସ୍ତକଟି ଲେଖିଥିଲେ । ବର୍ଣ୍ଣବୋଧ ହେଉଛି ଓଡ଼ିଆ ଭାଷା ସାହିତ୍ୟ, ଜୀବନବୋଧର ଏପରି ଏକ ଜୀବନଦସ୍ତାବିଜ ଯାହାର ପ୍ରତିଟି ଧାଡ଼ି ଅମୃତସ୍ପର୍ଶୀ ଓ କାଳଜୟୀ । ଭକ୍ତକବି ମଧୁସୂଦନ ଏହି ପୁସ୍ତକଟି ମାତ୍ର ଗୋଟିଏ ରାତି ଭିତରେ ପ୍ରସ୍ତୁତ କରିପାରିଥିଲେ ମଧ୍ୟ ଏହାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ପାଇଁ ତାଙ୍କର ଦୀର୍ଘ ସମୟର ପରିଶ୍ରମ କିନ୍ତୁ ରହିଥିଲା । ୧୮୮୫ ମସିହାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପୁସ୍ତକ ପ୍ରକାଶନୀ ସଂସ୍ଥା ମ୍ୟାକମିଲନ ଆଣ୍ଡ କମ୍ପାନୀ ଏହାର ପ୍ରକାଶନ ଦାୟିତ୍ୱ ନେଇଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ରୂପରେ ଏହି ବହିଟି ଅନେକବାର ବିଭିନ୍ନ ସଂସ୍କରଣ ମାଧ୍ୟମରେ ପ୍ରକାଶିତ ହୋଇଛି । ଆପଣ ଯେ କୌଣସି ବଡ଼ ବହି ଦୋକାନ, ଛୋଟ ବହିଦୋକାନ କିମ୍ବା ରାସ୍ତାକଡ଼ର ବହି ଓ ମାଗାଜିନ ପସରା ମେଲାଇଥିବା ବହି ସପ୍‌ରେ ଭକ୍ତକବିଙ୍କ ମଧୁବର୍ଣ୍ଣବୋଧ କିନ୍ତୁ ନିଶ୍ଚିନ୍ତ ପାଇବେ । ଏହା ହିଁ ହେଉଛି କୋଟି କୋଟି ଓଡ଼ିଆଙ୍କ ଏହି ଶୀର୍ଣ୍ଣକାୟ ଚଟିବହିଟି ପ୍ରତି ଆବେଗ ଓ ଆକର୍ଷଣର ଡ଼ୋରି । ବର୍ଣ୍ଣବୋଧ ପୁସ୍ତକର ସମସାମୟିକ ଏହି ଭାଷା ବର୍ଣ୍ଣାଳୀର ଅନେକ ସୃଷ୍ଟି ମଧ୍ୟ କୃତବିଦ୍ୟ ଓଡ଼ିଆ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ମଧ୍ୟ ସମ୍ଭବ ହୋଇଥିଲା । ତତ୍କାଳୀନ ଓଡ଼ିଆ ଭାଷା ଓ ତତ୍‌ଜନିତ ସାହିତ୍ୟର ଅଭାବକୁ ଲକ୍ଷ୍ୟ ରଖି ଯେଉଁକିଛି ପୁସ୍ତକ ପ୍ରକାଶ ହୋଇଥିଲା ସେ ଗୁଡ଼ିକ ହେଉଛି ‘ବର୍ଣ୍ଣଶିକ୍ଷା’, ‘ବର୍ଣ୍ଣବୋଧକ’, ‘ବର୍ଣ୍ଣ ନିୟମ’, ‘ବର୍ଣ୍ଣ ପରିଚୟ’, ‘ଶିକ୍ଷା ମଞ୍ଜରୀ’, ‘ବାଳବୋଧିନୀ’, ‘ପ୍ରଥମ ପାଠ’, ‘ବର୍ଣ୍ଣ ବିଜ୍ଞାନ’ ପ୍ରମୁଖ । ତେବେ ଏ ସବୁ ଭିତରେ ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ସ୍ୱତନ୍ତ୍ରତା ରହିଥିଲା କାରଣ ଏଥିରେ ଭରି ରହିଥିଲା କେବଳ ଶିଶୁମାନଙ୍କ ପାଇଁ ନୁହେଁ ସବୁ ବୟସର ଲୋକମାନଙ୍କ ପାଇଁ ଜୀବନ ଶିକ୍ଷା ହେଉ ବା ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷା ହେଉ ବା ଭାବଗତ ଶିକ୍ଷା । ଏସବୁ ପରିପୃଷ୍ଟ ହୋଇଥିଲା ବର୍ଣ୍ଣବୋଧରେ ।

ଭକ୍ତକବି ଭାବେ ମଧୁସୂଦନ ରାଓ କୋଟି କୋଟି ଓଡ଼ିଆଙ୍କ ପାଖରେ ଏକ ପ୍ରାତଃ ସ୍ମରଣୀୟ ପରିଚିତ ବ୍ୟକ୍ତିତ୍ୱ । ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଶିକ୍ଷକ ଓ ଭାଷାବିତ । ଓଡ଼ିଆ ଭାଷା ପ୍ରତି ତାଙ୍କର ରହିଥିଲା ଅମାପ ଆବେଗ, ଦୁର୍ବଳତା ଓ ଭଲପାଇବା । ବର୍ଣ୍ଣବୋଧ ଏକ ଏପରି ସରଳ ବୋଧଗମ୍ୟ ଓ ଭାଷା ଆବେଗ ତଥା ନୈତିକ ଶିକ୍ଷା ପ୍ରଦାୟକ ପୁସ୍ତିକା ଯାହାକି ବାସ୍ତବିକ ପ୍ରତିଟି ଓଡ଼ିଆଙ୍କ ଘରେ ଏକ ସଂଗ୍ରହଣୀୟ ଭାଷା ଦସ୍ତାବିଜ ଭାବେ ରହିବା କଥା। ଯେତେବେଳେ ଓଡ଼ିଆ ଭାଷାକୁ ବିଶେଷକରି ବଙ୍ଗଳାର ଆହ୍ୱାନକୁ ସାମ୍ନା କରିବାକୁ ପଡୁଥିଲା ‘ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ ।’ ସେହି ଭାଷା ଆହ୍ୱାନକୁ ନିଜ ଭିତରେ ଶାଣିତ ଓ ତୀବ୍ର କରିଥିଲେ ଭକ୍ତକବି । ଓଡ଼ିଆ ଭାଷା, ବନାନ, ବର୍ଣ୍ଣ, ଶବ୍ଦ, ଯୁକ୍ତାକ୍ଷର ସବୁକିଛିକୁ ତଉଲି ଓ ଏହାର ସାମଞ୍ଜସ୍ୟ ରଖି ପ୍ରସ୍ତୁତ ହୋଇଥିବା ସେ ଦିନର ଭକ୍ତକବିଙ୍କ ଏହି ମହାର୍ଘ ବର୍ଣ୍ଣବୋଧ ଏ ଯାବତ୍ ତାହା ଆଗ୍ରହ ଓ ଆବେଗକୁ ଅତୁଟ ରଖିଛି । ଏହା କେବଳ ଓଡ଼ିଆ ଭାଷା, ଶିକ୍ଷା ବା ବର୍ଣ୍ଣମାଳା କିମ୍ବା ଯୁକ୍ତାକ୍ଷର ପ୍ରସ୍ତୁତିର ଏକ ଶିକ୍ଷା ପୁସ୍ତିକା ନୁହେଁ ଏହା ହେଉଛି ଭାବପୂର୍ଣ୍ଣ ପ୍ରକୃତି ହେଉ ବା ଜୀବନଚର୍ଯ୍ୟା, ଆଧ୍ୟାତ୍ମିକ ହେଉ ବା ଅମୃତ ନିର୍ଝର । ସବୁକିଛିକୁ ଏହା ଆକର୍ଷଣୀୟ ଭାବରେ ଏପରି ମର୍ମସ୍ପର୍ଶୀ ପ୍ରେରଣା ଦେଇଛି ଯାହାକି ସମ୍ଭବତଃ ଆଉ ଏକ ବର୍ଣ୍ଣବୋଧ ସୃଷ୍ଟି ହୋଇନପାରେ । ନିତିଦିନିଆ ଜୀବନରେ ମାମୁଁଘରର ସ୍ମୃତି ରହିଛି ଏହି ବର୍ଣ୍ଣବୋଧରେ- ‘ଚକା ଚକା ଭଉଁରୀ, ମାମୁଁଘର ଚଉଁରୀ’ । କାଳ ଅନ୍ଧାରର ରାତି ପାହିବା ପରେ ଜଣଙ୍କ ଜୀବନ ଆରମ୍ଭ ହୋଇଥାଏ ସୂର୍ଯ୍ୟୋଦୟରୁ ଆଉ ଏହାକୁ ଆମ ସମସ୍ତଙ୍କ ପାଖରେ କାଉର ରାବ ଦ୍ୱାରା ହିଁ ଜଣାଯାଇଥାଏ ଭକ୍ତକବି ବର୍ଣ୍ଣବୋଧରେ ଲେଖିଛନ୍ତି- ‘ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ’ । ଏବେ ତ ପ୍ରଚଣ୍ଡ ଖରାର ନିଦାଘ ରୌଦ୍ରତାପ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଜାଣିଛନ୍ତି ବର୍ଣ୍ଣବୋଧରେ ଏହା ବେଶ ସୁସ୍ପଷ୍ଟ ହୋଇଛି- ‘ବୈଶାଖ ମାସେ ବଡ଼ ଖରା, ଅତି ତପତ ହୁଏ ଧରା’ । ଜୀବନ ଯାତ୍ରା ପଥରେ ଆମମାନଙ୍କ ଉଚିତ କର୍ତ୍ତବ୍ୟର ଶିକ୍ଷଣୀୟ ବାର୍ତ୍ତା ରହିଛି ଏଥିରେ ତାହା ହେଉଛି- ‘ବଂଶୀ ବାଜୁଛି ନଦୀ ତୀରେ, ହଂସ ଖେଳୁଛି ନଦୀ ନୀରେ’ । କେବଳ ସେତିକି ନୁହେଁ ପିଲାମାନଙ୍କୁ ଜୀବନ ପ୍ରାରମ୍ଭକୁ ନୈତିକ ଶିକ୍ଷା ଦେଇ ଭକ୍ତକବି ଏଥିରେ ଲେଖିଛନ୍ତି- ‘କୁବାକ୍ୟ କେବେ ନକହିବ, ଆଳସ୍ୟ କେବେ ନକରିବ । ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ’ । ପ୍ରତିଟି ମୁହୂର୍ତ୍ତ ଭଗବାନଙ୍କ ପାଇଁ ସମର୍ପିତ କରି ଜୀବନରେ ଆଧ୍ୟାତ୍ମିକ ତତ୍ତ୍ୱ ଓ ଭାବଧାରାକୁ ଶିଶୁମନରେ ଉଦ୍ରେକ କରିବା ପାଇଁ କବି ରଚନା କରିଛନ୍ତି- ‘ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ’।

ଜାତିର ଆତ୍ମା ଭାବେ ଏକ ମାତୃଭାଷା ହେଉଛି ଜାତି ପାଇଁ ସମ୍ମାନ । ଭାଷା ଏକ ଶାସ୍ତ୍ରୀୟ ସ୍ୱୀକୃତି ଯେ ପାଇଥାଏ ଏହା ପଛରେ ରହିଛି ଓଡ଼ିଆ ଭାଷାର ଗୌରବମୟ ଇତିହାସ । ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଅମୃତ ସୃଷ୍ଟି ବର୍ଣ୍ଣବୋଧ ଏ ଜାତିର, ଏ ଜାତିର ଅସ୍ମିତାର ସର୍ବୋପରି ଭାଷାର ମୂଳପିଣ୍ଡ କହିଲେ ଭୁଲ ହେବନାହିଁ । ଏହି ଶୀର୍ଣ୍ଣକାୟ ଚଟି ବହିଟି କେବଳ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଏକ ନାମ ବାଚକ ପୁସ୍ତିକା ନୁହେଁ ଏହା ଯେଉଁ ଆବେଗ, ଉନ୍ମେଷ, ଜାତି ଓ ଭାଷା ପ୍ରତି ସମର୍ପଣ ଭାବ ସୃଷ୍ଟି କରେ ତାହା କମ ବଡ଼କଥା ନୁହେଁ । ଓଡ଼ିଆ ଭାଷାର ଶ୍ରେଷ୍ଠ ଓ ଗୌରବମୟ କୃତୀ ଓ ସ୍ୱୀକୃତି ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ ଏହି ବର୍ଣ୍ଣବୋଧ । ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷାରେ ଧାଇମାର ଭୂମିକା ନେଇଥିବା ଭକ୍ତକବିଙ୍କ ‘ବର୍ଣ୍ଣବୋଧ’ ପ୍ରତିଟି ଓଡ଼ିଆଙ୍କ ଭାଷା ସାହିତ୍ୟର ଜୀବନ ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଶ୍ରୀବିହାର କଲୋନୀ, କଟକ,
ମୋ୯୪୩୭୬୬୬୪୫୩